# ଜିଏସଟି ଠକେଇ ମାମଲାରେ ଟିଟିଲାଗଡର ଅସାଧୁ ବ୍ୟବସାୟୀଙ୍କୁ ଗିରଫ

ଆଜି ଦିନ ୧୧ ସମୟରେ ସାଇ ଇନ୍ଟରନାସନାଲ ମାଇନସ ଏବଂ ମିନେରାଲ୍ସ , ଟିଟିଲାଗଡ ର ମାଲିକ ଶ୍ରୀଯୁକ୍ତ ତୀର୍ଥଙ୍କର ପଟେଲଙ୍କୁ ୧୨ କୋଟି ୮୪ ଲକ୍ଷ ଟଙ୍କା (ଜୁଲାଇ ୨୦୧୭ ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ) ଟିକସ ଫାଙ୍କି ଅଭିଯୋଗରେ ଜିଏସଟି ଆଇନର ଧାରା ୬୯ ଅନୁସାରେ ରାଜ୍ୟ ଦ୍ରବ୍ୟ ଓ ସେବା କର କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଗିରଫ କରାଯାଇଛି । ସେ ଜିଏସଟି ଆଇନର ଧାରା ୧୩୨ ଉଲଂଘନ କରିଥିବା ତଦନ୍ତରୁ ଜଣା ପଡିଛି । ଶ୍ରୀଯୁକ୍ତ ପଟେଲ କୌଣସି ଜିନିଷ କିଣାବିକା ନ କରି, ଜାଲ ବିଲ ମାଧ୍ୟମରେ ୮୪ କୋଟି ୬୮ ଲକ୍ଷ ଟଙ୍କାର ଜିନିଷ କିଣିଥିବା ଏବଂ ୮୪ କୋଟି ୭୧ ଲକ୍ଷ ଟଙ୍କାର ଜିନିଷ ରାଜ୍ୟ ବାହାର ବ୍ୟବସାୟୀଙ୍କୁ ବିକ୍ରି କରିଥିବା ଦର୍ଶାଇ ସରକାରଙ୍କୁ ୧୨ କୋଟି ୮୪ ଲକ୍ଷ ଟଙ୍କାର ଟିକସ ଫାଙ୍କିଛନ୍ତି । ଉକ୍ତ ଜାଲ ବିଲ ଜରିଆରେ ହସ୍ତାନ୍ତର ହୋଇଥିବା input tax credit କୁ ପଞ୍ଜାବ ରାଜ୍ୟର ଦୁଇ ଜଣ ବ୍ୟବସାୟୀ ବିନିଯୋଗ କରି ସମ ପରିମାଣର ଟିକସ ଫାଙ୍କିଛନ୍ତି । ଯେଉଁ ବାହନ ମାନଙ୍କରେ ଗାଡି ପିଛା ୧୫ ରୁ ୨୯ ଟନ ମାଲ ପଞ୍ଜାବକୁ ପଠାଇଥିବା ଦର୍ଶା ଯାଇଛି , ତନ୍ମଧ୍ୟରୁ ଅଧିକାଂଶ ବାହନ ଦୁଇ ଚକିଆ ଯାନ , ଟ୍ରାକ୍ଟର , ବସ , କାର , କ୍ରେନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି । ରାଜ୍ୟ ଦ୍ରବ୍ୟ ଓ ସେବା କର ବିଭାଗ ଏ ସମ୍ବନ୍ଧରେ ଅନୁସନ୍ଧାନ ଜାରି ରଖିଛନ୍ତି । ଶ୍ରୀଯୁକ୍ତ ପଟେଲଙ୍କୁ ଡାକ୍ତରୀ ମାଇନା ପରେ ମାନ୍ୟବର SDJM ଟିଟିଲାଗଡଙ୍କ ଅଦାଲତରେ ହାଜର କରାଯାଇଥିଲା । ତାଙ୍କ ଜାମିନ ଆବେଦନ ଅଗ୍ରାହ୍ୟ ହେବା ଯୋଗୁଁ ତାଙ୍କୁ ଜେଲକୁ ପଠାଯାଇଛି ।